# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**17th April - 2025**

**************************************

*Cuttack, BBSR/R*

## ଗଡ଼କରୀ – ଓଡିଶା ଗସ୍ତ

କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ୍ ଗଡ଼କରୀ ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ଓ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀ ଆଜି ଅପରାହ୍ଣରେ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ପ୍ରାୟ ୪ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୧୯ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ  ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା କାର୍ଯ୍ୟାନ୍ୱୟନ ହେଉଥିବା ବିଭିନ୍ନ ସଡ଼କ ପ୍ରକଳ୍ପର ସମୀକ୍ଷା କରିବେ। କେନ୍ଦ୍ରମନ୍ତ୍ରୀ କଟକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଉତ୍ସବ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

*BBSR/R*

## ସବୁଜ ଶକ୍ତି

ରାଜ୍ୟରେ ସବୁଜ ଶକ୍ତି ଲକ୍ଷ୍ୟ ହାସଲ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଶକ୍ତି

ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଗତକାଲି ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ସୌର ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ ସମ୍ପର୍କିତ ବୈଠକରେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, ଗଞ୍ଜାମ ଜିଲ୍ଲାରେ ୫୪ ମେଗାୱାଟ୍ ବିଶିଷ୍ଟ ୧୫୧ କୋଟି ଟଙ୍କାର ସୌର ବିଦ୍ୟୁତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଛି । ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ ୧ ହଜାର ମେଗାୱାଟ୍ ସୌରଶକ୍ତି ପ୍ରକଳ୍ପ ପାଇଁ ୪ ହଜାର ୫ ଶହ କୋଟି ଟଙ୍କା ପୁଞ୍ଜିନିବେଶ ରହିଥିବା ଶ୍ରୀ ସିଂହଦେଓ କହିଛନ୍ତି ।

***BBSR/R***

## ସାଇବର ଥାନା

ରାଜ୍ୟରେ ବୃଦ୍ଧି ପାଉଥିବା ସାଇବର ଓ ଅର୍ଥନୈତିକ ଅପରାଧକୁ ନିୟନ୍ତ୍ରଣ ପାଇଁ ସରକାର ସାଇବର ଥାନା ସଂଖ୍ୟାକୁ ୧୪ରୁ ୩୪କୁ ବୃଦ୍ଧି କରିଛନ୍ତି । ଏଥିସହ ନୂତନ ସାଇବର ଥାନା ନିମନ୍ତେ ଅତିରିକ୍ତ ୯୮୭ଟି ନୂଆ ପଦବି ମଞ୍ଜୁର କରାଯାଇଛି । ସେହିଭଳି ସ୍ୱତନ୍ତ୍ର ଟ୍ରାଫିକ୍ ୱିଙ୍ଗ୍ ନିମନ୍ତେ ଅତିରିକ୍ତ ୧ ହଜାର ୯୯୬ଟି ନୂଆ ପଦବୀ ପାଇଁ ଅନୁମୋଦନ ମିଳିଛି । ବିଭିନ୍ନ ପାହ୍ୟାର ୯୮୭ଟି ଅତିରିକ୍ତ ପଦବୀ ମଞ୍ଜୁରୀ ଫଳରେ ମୋଟ ଅନୁମୋଦିତ ପଦବୀ ସଂଖ୍ୟା ୧ ହଜାର ୧୨୭କୁ ବୃଦ୍ଧି ପାଇଛି ।

*Kendrapara/R*

# ମେଡିକାଲ୍ କଲେଜ

କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗର ଭିତ୍ତିଭୂମି ସୁଦୃଢ଼ କରାଯିବା ସହ ମେଡିକାଲ୍ କଲେଜ ପ୍ରତିଷ୍ଠା ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ରାମନଗର ଗ୍ରାମରେ ଜମ୍ବୁଦ୍ୱୀପ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଜିଲ୍ଲାର ଐତିହ୍ୟ ଓ ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ ।

*BBSR/R*

# ଲକ୍ଷପତି ଦିଦି

ରାଜ୍ୟରେ ଗତ ୧୩ ତାରିଖ ସୁଦ୍ଧା ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଲକ୍ଷପତି ଦିଦି ସୃଷ୍ଟି କରାଯାଇଥିବା ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି । ସୂଚନା ଅନୁସାରେ, ଅନୁମୋଦିତ ଲକ୍ଷ୍ୟର ୮୨ ପ୍ରତିଶତ ପୂରଣ କରିପାରିଥିବାରୁ ଓଡ଼ିଶା ଦେଶର ଅନ୍ୟ ସମସ୍ତ ରାଜ୍ୟକୁ ଅତିକ୍ରମ କରିଛି । ଗ୍ରାମୀଣ ମହିଳାମାନଙ୍କୁ ସ୍ଥାୟୀ ଜୀବିକା ଯୋଗାଇଦେବା ସହ ଅଧିକ ରୋଜଗାର କରିବାପାଇଁ 'ଲକ୍ଷପତି ଦିଦି' ଯୋଜନା ମହଳାମାନଙ୍କୁ ସଶକ୍ତ କରୁଛି ।

***BBSR/R***

## ସୁଭଦ୍ରା ଯୋଜନା

ସୁଭଦ୍ରା ସହାୟତା ପାଇଥିବା ହିତାଧିକାରୀଙ୍କଠାରୁ ମତାମତ ସଂଗ୍ରହ ସର୍ବେକ୍ଷଣରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯିବ । ଗତକାଲି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସ୍ୱଚ୍ଛଳ ବର୍ଗରେ ଥିବା ହେତୁ ସୁଭଦ୍ରା ସହାୟତା ପଞ୍ଜୀକରଣୁ ଓହରି ଯାଇଥିବା ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଜଣାପଡ଼ିଛି ।

***IPR***

## ଏ.ଆଇ. ତାଲିମ କର୍ମଶାଳା

ରାଜ୍ୟରେ ସରକାରୀ ଅଧିକାରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା – ଏ.ଆଇ.ର ପ୍ରୟୋଗ ଉପରେ ବ୍ୟାବହାରିକ ତାଲିମ ନିମନ୍ତେ ଗତକାଲି ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏ.ଆଇ.ର ପ୍ରୟୋଗ ଉପରେ ତାଲିମ ସମ୍ବନ୍ଧିତ ପ୍ରଥମ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଶାସନ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିବାରେ ଏ.ଆଇ. ସହାୟକ ହେବ ।

ଏ.ଆଇ. ସହଯୋଗରେ ସେବା ବିତରଣ ବ୍ୟବସ୍ଥାକୁ ଉନ୍ନତ, ଦ୍ରୁତ ଓ ଅଧିକ ପାରଦର୍ଶୀ କରାଇ ଜାତୀୟ ସ୍ତରରେ ରାଜ୍ୟ କିଭଳି ନେତୃତ୍ୱ ପ୍ରତିଷ୍ଠା କରିପାରିବ, ସେନେଇ ଶ୍ରୀ ଆହୁଜା ଗୁରୁତ୍ୱାରୋପ କରିଛନ୍ତି ।

***BBSR/R***

## ସମବାୟ ନିର୍ବାଚନ କମିଶନର

୨୦୦୩ ବ୍ୟାଚ୍‌ର ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଧିକାରୀ ଶ୍ରୀକାନ୍ତ ପୃଷ୍ଟି ରାଜ୍ୟ ସମବାୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ପାଇଛନ୍ତି । ଏନେଇ ଗତକାଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ସେହିଭଳି ପାରମିତା ଶତପଥୀ ତ୍ରିପାଠୀ ଓଡ଼ିଶା ଆୟକର ବିଭାଗର ପ୍ରଧାନ ମୁଖ୍ୟ କମିଶନର ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀମତୀ ତ୍ରିପାଠୀ ୧୯୮୯ ବ୍ୟାଚ୍ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଭାବେ ରାଜ୍ୟ ଆୟକର ବିଭାଗରେ ବିଭିନ୍ନ ପଦବିରେ କାର୍ଯ୍ୟ କରିଛନ୍ତି ।

***Ganjam/R***

## ତାରାଦେବୀ ଠାକୁରାଣୀ ଯାତ୍ରା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସ୍ଥିତ ଲାଞ୍ଜିପଲି ମା' ତାରାଦେବୀଙ୍କ ଦ୍ୱିବାର୍ଷିକ ଠାକୁରାଣୀ ଯାତ୍ରା ଆସନ୍ତା ମଇ ମାସ ୧୮ ତାରିଖରୁ ଆରମ୍ଭ ହେବ । ଏନେଇ

ଯାତ୍ରା କମିଟି ସଭାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଛି ।

***Bhadrak/R***

# ରୌପ୍ୟ ଜୟନ୍ତୀ

ଭଦ୍ରକଠାରେ ବିଷୁବ ପରିଷଦର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ ହୋଇଯାଇଛି । ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲାପାଳ ଦିଲୀପ ରାଉତରାୟ ପ୍ରମୁଖ ଯୋଗଦେଇ କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାପାଇଁ ଯୁବପିଢ଼ିଙ୍କୁ ପରାମର୍ଶ ଦେଇଛନ୍ତି ।

***Desk***

# ପାଣିପାଗ

ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀଜନିତ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଟକ ଓ ଖୋର୍ଦ୍ଧା ସମେତ ୧୩ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଅପରପକ୍ଷରେ ବର୍ଷାର ପ୍ରଭାବରେ ବିଭିନ୍ନ ସ୍ଥାନରେ ଦିନର ସର୍ବୋଚ୍ଚ

ତାପମାତ୍ରା ହ୍ରାସ ପାଇଛି । ଗତକାଲି ବଲାଙ୍ଗିରଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଦଶମିକ ୨ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ ହୋଇଥିଲା ।

*****